# NATIONAL NEWS BULLETIN (ODIA)

## 26 June 2026

## Midday Bulletin : 1.50 P.M.

***********************************

## ମୁଖ୍ୟ ସମ୍ବାଦ

- ସାମାଜିକ ସ୍ଥିରତା ଓ ଅର୍ଥନୈତିକ ବିକାଶ ଦିଗରେ ଅନ୍ତରାୟ ପାଲଟିଥିବା ନିଶାଦ୍ରବ୍ୟର ମୂଳୋତ୍ପାଟନ ପାଇଁ ସାମୂହିକ ଉଦ୍ୟମ ଲାଗି ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଦାନ ହେରଫେର ମାମଲାରେ ୮ ଜଣଙ୍କୁ ଗିରଫ କଲା ଉତ୍ତରପ୍ରଦେଶ ପୋଲିସ୍
- ଦ୍ୱିତୀୟ ପାକ୍ସ ସିଲିକା ଶିଖର ସମ୍ମିଳନୀରେ ୩୪ଟି ଦେଶ ସହ କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତିବିଦ୍ୟା ପ୍ରସ୍ତାବରେ ସ୍ୱାକ୍ଷର କଲା ଭାରତ
- ଶ୍ରଦ୍ଧାର ସହ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ଆସୁରା ଏ ମହରମ
- ଭେନେଜୁଏଲାରେ ସଂଗଠିତ ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୨୩୫କୁ ବୃଦ୍ଧି

ଏବଂ

- ଭାରତ ଆୟାରଲ୍ୟାଣ୍ଡ ମଧ୍ୟରେ ଆଜି ଅନୁଷ୍ଠିତ ହେବ ଚଳିତ ସିରିଜ୍‌ର ପ୍ରଥମ ଆନ୍ତର୍ଜାତିକ ଟି-୨୦ ମ୍ୟାଚ୍

## ଶାହା-ଏନ୍‌କର୍ଡ ମିଟିଂ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିଶାଦ୍ରବ୍ୟ ମୂଳୋତ୍ପାଟନ ଦିଗରେ ସାମୂହିକ ଉଦ୍ୟମ ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ନିଶାଦ୍ରବ୍ୟର ବ୍ୟବହାର ଜାତୀୟ ସୁରକ୍ଷା, ସାମାଜିକ ସ୍ଥିରତା ଏବଂ ଅର୍ଥନୈତିକ ବିକାଶ ଦିଗରେ ଅନ୍ତରାୟ ପାଲଟି ଥିବା ବେଳେ ଦେଶ ଏବଂ ଯୁବପିଢ଼ିର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରୁଛି । ଶ୍ରୀ ଶାହା ଧାର୍ମିକ ନେତା, ଯୁବପିଢ଼ି ଏବଂ ମାଆମାନଙ୍କୁ ଏ ଦିଗରେ ସାମୂହିକ ଉଦ୍ୟମ କରିବା ଲାଗି କହିଛନ୍ତି । ଆଜି ନୂଆଦିଲ୍ଲୀରେ ନାର୍କୋ ସମନ୍ୱୟ କେନ୍ଦ୍ରର ଦଶମ ଶୀର୍ଷ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି:

**V/O**

# ଅଯୋଧ୍ୟା ଏଫ୍‌ଆଇଆର୍-ଆରେଷ୍ଟ

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଦାନ ହେରଫେର ମାମଲାରେ ୮ ଜଣଙ୍କ ବିରୁଦ୍ଧରେ ଦାୟର ହୋଇଥିବା ପ୍ରଥମ ଏତଲାକୁ ଭିତ୍ତିକରି ଉତ୍ତରପ୍ରଦେଶ ପୋଲିସ୍ ସେମାନଙ୍କୁ ଗିରଫ କରିଛି । ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍‌ଆଇଟି ଦ୍ୱାରା ସୁପାରିଶ୍ ପରେ ଶ୍ରୀରାମ ଜନ୍ମଭୂମି ଥାନାରେ ଏତଲା ଦାୟର କରାଯାଇଛି । ଟ୍ରଷ୍ଟର ସଦସ୍ୟ କୃଷ୍ଣ ମୋହନ ଏତଲା ଦାୟର କରିଛନ୍ତି । ଏଥିରେ ଅବିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁବାସ ଶ୍ରୀବାସ୍ତବ ଏବଂ ଶ୍ରୀରାମ ଶଙ୍କର ଯାଦବଙ୍କ ନାମ ରହିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ଅଧକ୍ଷ ଭାବେ ଲକ୍ଷ୍ନୌ ଉପଖଣ୍ଡ ସଚିବ ବିଜୟ ବିଶ୍ୱାସ ପନ୍ତ୍ ଙ୍କ ପ୍ରାଥମିକ ରିପୋର୍ଟ ଆଧାରରେ ଗତକାଲି ଏତଲା ପଞ୍ଜୀକୃତ କରାଯାଇଛି । ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ଟ୍ରଷ୍ଟକୁ ଆସୁଥିବା ଦାନ ହେରଫେର ନେଇ

ଅଭିଯୋଗ ହେବା ପରେ ଏହାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ-ଏସଆଇଟି ଗଠନ କରାଯାଇଥିଲା ।

## ଇଣ୍ଡିଆ-ପାକ୍ସ ସିଲିକା ସମିଟ୍

ଆମେରିକାରେ ଅନୁଷ୍ଠିତ ଦ୍ୱିତୀୟ ପାକ୍ସ ସିଲିକା ଶିଖର ସମ୍ମିଳନୀରେ ଭାରତ ଅନ୍ୟ ୩୪ଟି ଦେଶ ସହ ମିଳିତ ଭାବେ କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତିବିଦ୍ୟାକୁ ସଶକ୍ତ କରିବା ଲାଗି ଏକ ପ୍ରସ୍ତାବରେ ସ୍ୱାକ୍ଷର କରିଛି । ଆମେରିକା ଦ୍ୱାରା ଏହି ପଦକ୍ଷେପର ନେତୃତ୍ୱ ନିଆଯାଇଛି । ୱାଶିଂଟନ୍‌ଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆମେରିକାର ଅର୍ଥନୈତିକ ବ୍ୟାପାର ବିଦେଶ ମନ୍ତ୍ରୀ ଜାକବ୍ ହେଲ୍‌ବର୍ଗ କହିଛନ୍ତି, ସମ୍ମିଳନୀରେ ଯୋଗଦେଇ ଆମେରିକାର ଏ.ଆଇ. ପଦକ୍ଷେପକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିକାଶ ଓ ନବସୃଜନକୁ ସମର୍ଥନ କରିଥାନ୍ତି ।

ଏହି ଶିଖର ସମ୍ମିଳନୀରେ ଭାରତ ପକ୍ଷରୁ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍.କୃଷ୍ଣନ୍ ଏବଂ ଭାରତୀୟ ଉଦ୍ୟୋଗ ଜଗତର ପ୍ରତିନିଧିମାନେ ପ୍ରତିନିଧିତ୍ୱ କରିଛନ୍ତି । ସମ୍ମିଳନୀରେ ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଣ ଶୃଙ୍ଖଳ ଉପରେ ଆଲୋଚନା କରାଯାଇଛି । ପାକ୍ସ ସିଲିକା ପଦକ୍ଷେପକୁ ଆର୍ଜେଣ୍ଟିନା, ଚିଲି, କୋଷ୍ଟାରିକା, ଜର୍ମାନୀ, ଗ୍ରୀସ୍, କାଜାଖସ୍ତାନ, ନେଦରଲ୍ୟାଣ୍ଡ୍‌ସ, ପାନାମା ଏବଂ ୟୁରୋପୀୟ ସଂଘ ସମର୍ଥନ କରିଛନ୍ତି । ଗତ ଫେବୃୟାରୀ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀରେ ଭାରତ ଏହି ପଦକ୍ଷେପରେ ସାମିଲ ହୋଇଥିଲା ।

# ଜର୍ମାନ ଆମ୍ବାସଡର-ଇଣ୍ଡିଆ

ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱ ନେତାଭାବେ ଉଭା ହୋଇଛି ବୋଲି ଜର୍ମାନ ରାଷ୍ଟ୍ରଦୂତ ଫିଲିପ୍ ଏକର୍ମାନ କହିଛନ୍ତି । ଏକ ସମ୍ବାଦ ସଂସ୍ଥା ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ଭାରତ ଏବଂ ଜର୍ମାନ ମଧ୍ୟରେ ନିରନ୍ତର ବିକାଶ ସମ୍ବନ୍ଧିତ ସହଯୋଗ ଆଗାମୀ ଦିନରେ ବାଣିଜ୍ୟ, ରାଜନୈତିକ ଏବଂ ରଣନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବ ।

# ମହରମ

ଆଜି ଦେଶ ବ୍ୟାପି ଆଶୁରା-ଏ-ମହରମ୍ ଶ୍ରଦ୍ଧାର ସହ ପାଳନ କରାଯାଉଛି । ଏହି ଦିନଟି ପ୍ରଫେଟ୍ ମହମ୍ମଦ୍‌ଙ୍କ ନାତି ହଜରତ୍ ଇମାମ୍ ହୁସେନ ଓ ତାଙ୍କ ସାଥିମାନେ ସତ୍ୟ, ଧର୍ମ ଏବଂ ନ୍ୟାୟକୁ ବଜାୟ ରଖିବା ଲାଗି ନିଜ ଜୀବନ ଉତ୍ସର୍ଗ କରିଥିବା ଘଟଣାକୁ ସ୍ମରଣ କରାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଜିଆ ଶୋଭାଯାତ୍ରା  ଅନୁଷ୍ଠିତ ହେଉଛି ।

ଦିଲ୍ଲୀର ଜାମା ମସ୍‌ଜିଦ୍, ନିଜାମୁଦ୍ଦିନ, ଓଖଲା ଏବଂ ମହୋରଲୀ ସହିତ ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରା ବାହାରିଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଶହୀଦମାନଙ୍କ ବଳିଦାନକୁ ସ୍ମରଣ ପୂର୍ବକ ମଜଲିସ୍ ଓ ଧାର୍ମିକ ସଭା ଆୟୋଜନ କରାଯାଉଛି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ମହରମ୍ ଅବସରରେ ହଜରତ୍ ଇମାମ ହୁସେନଙ୍କ ସର୍ବୋଚ୍ଚ ବଳିଦାନକୁ ସତ୍ୟ ଏବଂ ନ୍ୟାୟର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ଉପରାଷ୍ଟ୍ରପତି କହିଛନ୍ତି, ଏହି ଦିବସ ସମାଜରେ ଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ପାରସ୍ପରିକ ସମ୍ମାନ ଦୃଢ଼ କରିବା ଦିଗରେ ପ୍ରେରଣା ଯୋଗାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ହଜରତ୍ ଇମାମ ହୁସେନଙ୍କ କର୍ତ୍ତବ୍ୟନିଷ୍ଠା ସମାଜରେ ସତ୍ୟ ଏବଂ ନ୍ୟାୟପୂର୍ଣ୍ଣ ଦିଗରେ ଜୀବନ ଅତିବାହିତ କରିବା ଲାଗି ପ୍ରେରଣା ଯୋଗାଇଛି ବୋଲି କହିଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୫ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପିଏମ୍-ବଙ୍କିମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ସାହିତ୍ୟ

ଜଗତର ଏକ ଉଜ୍ଜ୍ୱଳ ତାରକା ଭାବରେ ବର୍ଣ୍ଣନା କରି ତାଙ୍କ ଲେଖା ମାଧ୍ୟମରେ ଦେଶପ୍ରେମ ଏବଂ ସାଂସ୍କୃତିକ ଗୌରବ ପ୍ରତିପାଦିତ ହୋଇଥିବା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବନ୍ଦେ ମାତରମ୍ ଜାତୀୟ ସଂଗୀତର ୧୫୦ତମ  ବାର୍ଷିକୀ ପାଳନ କରୁଛି । ଏହା ମାଧ୍ୟମରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନକୁ ପ୍ରେରଣାର ସ୍ରୋତ ଯୋଗାଇ ଥିଲେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ସାହୁଜୀ ମହାରାଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜର୍ଷି ଛତ୍ରପତି ସାହୁଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ରାଜର୍ଷି ଛତ୍ରପତି ସାହୁଜୀ ମହାରାଜ ନିଜ ଜୀବନ ଅବହେଳିତ ଓ ପଛୁଆବର୍ଗର ଲୋକମାନଙ୍କ  ଉତ୍ଥାନ ଲାଗି ଉତ୍ସର୍ଗ କରିଥିଲେ ।

## ଇଣ୍ଡିଆ-ଏସ୍‌ସିଓ ଫୋରମ୍

ସାଂଘାଇ ସହଯୋଗ ସଂଗଠନ ମହିଳା ଫୋରମରେ ଭାରତ ମହିଳା କୈନ୍ଦ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛି । କିର୍‌ଗିଜିସ୍ତାନର ବିସ୍‌କେକ୍ ଠାରେ ଅନୁଷ୍ଠିତ ସମ୍ମିଳନୀକୁ ଆଭାସୀ ଜରିଆରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ମହିଳାମାନେ କେବଳ ବିକାଶର ଲାଭାର୍ଥୀ ନୁହନ୍ତି, ବରଂ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଶକ୍ତିଶାଳୀ ପ୍ରେରକ ଅଟନ୍ତି । ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ଭୂମିକା ସଂପର୍କରେ ମନ୍ତ୍ରୀ ଶ୍ରୀମତୀ ଦେବୀ କହିଛନ୍ତି, ଦେଶର ୧୦କୋଟିରୁ ଅଧିକ ମହିଳା ୯୦ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ୩ କୋଟିରୁ ଅଧିକ

ଲକ୍ଷପତି ଦିଦି ପାଲଟିଛନ୍ତି । ମିଶନଶକ୍ତି ଏବଂ ପୋଷଣ ଅଭିଯାନ ଭଳି ଯୋଜନାଗୁଡ଼ିକ ମହିଳାଙ୍କ ନିରାପତ୍ତା, ଯତ୍ନ ଏବଂ ଅର୍ଥନୈତିକ ଯୋଗଦାନକୁ ଆହୁରି ସୁଦୃଢ଼ କରିଛି ବୋଲି ସେ କହିଛନ୍ତି ।

## ଭେନେଜୁଏଲା ଡେଥ୍

ଭେନେଜୁଏଲାରେ ସଂଗଠିତ ୨ଟି ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି ପାଇଛି । ୧ ହଜାର ୫୦୦ରୁ ଅଧିକ ଲୋକ ଏଥିରେ ଆହତ ହୋଇଥିବା କୁହାଯାଇଛି । ଉଦ୍ଧାରକାରୀ ଦଳ ପକ୍ଷରୁ ଭଙ୍ଗାରୁଜା ଅଂଶ ମଧ୍ୟରେ ସନ୍ଧାନକାର୍ଯ୍ୟ ଜାରି ରହିଛି । କାର୍‌କାସ୍ ଏବଂ ଲାଗୁଏରା ଅଞ୍ଚଳରେ ଭଙ୍ଗାରୁଜା ଅଂଶ ମଧ୍ୟରେ ଦବି ରହିଥିବା ଲୋକମାନଙ୍କ ଡାକ ଶୁଣାଯାଉଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଗତକାଲି ୭ ଦଶମିକ ୨ ଏବଂ ୭ ଦଶମିକ ୫ ସାନ୍ଦ୍ରତା ବିଶିଷ୍ଟ ୨ଟି ଭୂମିକମ୍ପ ଅତି କମ୍ ସମୟ ବ୍ୟବଧାନରେ ଘଟିବା ଫଳରେ ଭେନେଜୁଏଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି ।

## କ୍ରିକେଟ୍

ପୁରୁଷ କ୍ରିକେଟ୍‌ରେ ଆଜି ପ୍ରଥମ ଆନ୍ତର୍ଜାତିକ ଟି-୨୦ ମ୍ୟାଚ୍ ବେଲ୍‌ଫାଷ୍ଟ୍‌ରେ ଭାରତ ଏବଂ ଆୟୋଜକ ଆୟାରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଆରମ୍ଭ ହେବ । ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯାଇଛି । ଏହି ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ ।

# ଇଣ୍ଡିଆ-ପାକ୍ ହକି

ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଆଜି ସନ୍ଧ୍ୟାରେ ଲଣ୍ଡନର ଲି ଭ୍ୟାଲି ହକି ଏବଂ ଟେନିସ୍ କେନ୍ଦ୍ରରେ ଭାରତ-ପାକିସ୍ତାନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୦ଟା ୨୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଚଳିତ ସପ୍ତାହରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ  ୪-୩ରେ ପାକିସ୍ତାନକୁ ପରାସ୍ତ କରିଥିଲା ।

# ଫିଫା

ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଡି ମ୍ୟାଚ୍‌ରେ ଆଜି ସକାଳେ ଅଷ୍ଟ୍ରେଲିଆ ଓ ପାରାଗୁଏ ମଧ୍ୟରେ ବିନା ଗୋଲ୍‌ରେ ମ୍ୟାଚ୍ ଶେଷ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଗ୍ରୁପ୍-ଡିର ଅନ୍ୟ ଏକ ମ୍ୟାଚ୍‌ରେ ତୁର୍କୀ ୩-୨ ଗୋଲ୍‌ରେ ଆମେରିକାକୁ ପରାସ୍ତ କରିଛି । ସେହିପରି ନେଦରଲ୍ୟାଣ୍ଡ ୩-୧ ଗୋଲ୍‌ରେ ଟ୍ୟୁନିସିଆକୁ  ପରାସ୍ତ କରିଥିବା ବେଳେ ଜାପାନ ଓ ସ୍ୱୀଡେନ୍ ମଧ୍ୟରେ ମ୍ୟାଚ୍ ୧-୧  ଗୋଲ୍‌ରେ ଅମୀମାଂସିତ ରହିଛି । ପରବର୍ତ୍ତୀ ମ୍ୟାଚ୍ ଜାପାନ ଏବଂ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜି ସକାଳେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଇକ୍ୱେଡର ୨-୧ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରିଛି ।